# Akashvani, Sambalpur

## SAMBALPURI NEWS BULLETIN

### 2 April 2024- 6.47- 6.52 am.

***********************************************

ଭାରତୀୟ ରିଜର୍ଭ ବେଙ୍କ୍- ପ୍ରତିଷ୍ଠା ଦିବସ୍ ଆର୍ଏନ୍ୟୁ /କଟକ୍

ଭାରତୀୟ ରିଜର୍ଭ ବେଙ୍କ୍ ପ୍ରତିଷ୍ଠାକେ ୯୦ ବଛର୍ ପୁରିଛେ । ଇ ଅବ୍ସରେ ଗଲାକାଏଲ୍ ମୁମ୍ବାଇ ନ ହେଇଥିବା ଆର୍ବିଆଇ-୯୦ ଉଦ୍ଘାଟନୀ ସମାରୋହକେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ୍ କରିକରି କହିଛନ୍ ଯେ, ପୁର୍ଥି ନ ରିଜର୍ଭ ବେଙ୍କ୍ ଗୁଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛେ । ଦ୍ରୁତ ଅଭିବୃଦ୍ଧି, ବିଶ୍ୱାସ ଆର୍ ସ୍ଥିରତା ଉପ୍ରେ ଇ କେନ୍ଦ୍ରୀୟ ବେଙ୍କ୍ ପ୍ରାଥମିକତା ଦେଇ ଆସୁଛେ । ଆଏବା ୧୦ ବଛର୍ ଉତ୍ରୁ ଭାରତୀୟ ରିଜର୍ଭ ବେଙ୍କ୍ ଶହେ ବଛର୍ ପାଲନ୍ କର୍ବାର୍ ସହେତେ ବିକଶିତ ଭାରତ୍ର ସଂକଳ୍ପ ଲାଗି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେବା । ପ୍ରଧାନ୍ମନ୍ତ୍ରୀ ତାଙ୍କର୍ ଉଦ୍ବୋଧନ୍ଥି କହିଛନ୍ ଯେ, ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ ଆଉ ଡିଜିଟାଲ୍ ଦେୟ ଲାଗି ସର୍କାର୍ଙ୍କର୍ ତର୍ଫୁ

ନିଆଯାଇଥିବା ପଦକ୍ଷେପ୍ ମାନ୍କର୍ ଲାଗି ଛୋଟ୍ ବ୍ୟବସାୟୀ ଆର୍ ଉଠା ଦୋକାନୀମାନ୍କର୍ ଆର୍ଥିକ୍ ଅବସ୍ଥା ସଶକ୍ତ ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୧୯୩୫ ମସିହାର ଏପ୍ରିଲ୍ ୧ ତାରିଖ୍ ଦିନ ଭାରତୀୟ ରିଜର୍ଭ ବେଙ୍କ୍ କାମ୍ ମୁଲ୍ କରିଥିଲା ।

ସ୍କୁଲ୍ - ସଖାଲ୍‌ପଢ଼ା                    ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସ୍କୁଲ୍‌ମାନ୍‌କେ ଆଏଜ୍‌ଠାନୁ ୧ ନୁ ୧୨ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍କର୍ ସଖାଲ୍ ପଢ଼ା ମୁଲ୍ ହେଉଛେ । ସଖାଲର୍ ୭ ନୁ ଦିନର୍ ସାଢ଼େ ୧୧ ବଜେତକ୍ ପାଠ୍‌ପଢ଼ା ହେବା । ଇ ସମିଆଥି ପ୍ରଧାନ୍‌ଶିକ୍ଷକ୍‌ମାନେ ସ୍କୁଲ୍ ନ ପିଇବାର୍ ପାଏନ୍, ଓଆର୍‌ଏସ୍ ପେକେଟ୍ ସହେତେ ଅଲ୍‌ଗା ଜିନିଷ୍ ରଖ୍‌ବାର୍‌କେ କୁହାଯାଇଛେ । ପାଣିପାଗ୍ ଥିତିକେ ଦେଖିକରି ବିଦ୍ୟାଳୟ ଖୁଲ୍‌ବାର୍ ନେଇକରି ଜିଲ୍ଲାପାଲ୍‌ମାନେ ନିଜର୍ ଜିଲ୍ଲାର୍ ନିଷ୍ପତି ନେଇପାର୍‌ବେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ସେନ୍ତା ଆଏଜ୍‌ଠାନୁ ଅଙ୍ଗନବାଡ଼ି କେନ୍ଦ୍ରମାନେ ଭିଲ୍ ସଖାଲର୍ ୭ ନୁ ସାଢ଼େ ୧୧ ବଜେତକ୍ ଖୁଲ୍‌ବା ।

ଆନ୍ତଃରାଜ୍ୟ ସମନ୍ୱୟ ବୈଠକ୍       ପ୍ରେସ୍ ରିଲିଜ୍

ରାଏଜେ ୪ ଟା ଖେପେ ହେବାର୍‌କେ ଥିବା ନିର୍ବାଚନ୍ ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଓଡ଼ିଶା ଆଉ ଆନ୍ଧ୍ରପ୍ରଦେଶ୍‌ର ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କର୍ ଭିତ୍‌ରେ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ୍ ହେଇଯାଇଛେ । ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଜାରି ହେଇଥିବା ନିୟମାବଳୀକେ ସଠିକ୍ ଭାବେ ପାଳନ୍ କର୍‌ବାର୍ ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଦୁହି ରାଜ୍ୟର୍ ସୀମ୍‌ନା ଜିଲ୍ଲାମାନ୍‌କେ ନିର୍ବାଚନ୍ ପରିଚାଳନା ବାବ୍‌ଦେ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ରାଜ୍ୟର୍ ଗଞ୍ଜାମ୍, ଗଜପତି, ରାୟଗଡ଼ା, କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲାର୍ ସୀମ୍‌ନା ତଲ୍‌କି ଫାଟକ୍‌ମାନ୍‌କେ କଡ଼ାକଡ଼ି ଯାଂଚ୍ ସାଙ୍ଗେ ବେଆଇନ୍ ନିଶା କାର୍‌ବାର୍, ଅସ୍ତ୍ର ଆର୍ ଟଙ୍କା କାର୍‌ବାର୍ ଉପ୍‌ରେ ରୋକ୍ ଲଗାବାର୍‌କେ ଖାସ୍ ଯୋଜ୍‌ନା କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଇତାର୍‌ଛଡ଼ା ଦୁହି ରାଜ୍ୟର୍ ଚେକ୍‌ପୋଷ୍ଟ୍‌ମାନ୍‌କେ ସିସିଟିଭିର୍ ବ୍ୟବସ୍ଥା କର୍‌ବାର୍‌କେ ଭିଲ୍ ନିଷ୍ପତି ନିଆଯାଇଛେ । ଇତାର୍‌ସହେତେ ଭୋଟ୍ ଦିନର୍ ୪୮ ଘଂଟା ଆଘୋନୁ ଦୁହି ରାଜ୍ୟର୍ ସୀମାକେ ପୁରା ବନ୍ଦ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଥିଲା । ସେନ୍ତା ଗୁଇନ୍ଦା ତଥ୍ୟ ଦିଆନିଆ, ସାମାଜିକ ଗଣମାଧ୍ୟମ୍ ଜରିଏ ମିଛ୍ ଖବର୍

ପରିବେଷଣ ଆଉ ସାଇବର୍ ଅପରାଧ ରୁକ୍‌ବାର୍ ବିଷେ ଭିଲ୍ ବୈଠକ୍‌ଥି ଆଲୋଚନା କରାଯାଇଛେ ।
ବୈଠକ୍‌ଥି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଆନ୍ତଃରାଜ୍ୟ ସୀମା ବୈଠକ ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ୍ ସମିଆଥି ପଶ୍ଚିମବଙ୍ଗ୍ ଆଉ ଛତିଶ୍‌ଗଡ୍ ସାଙ୍ଗେ ସମନ୍ୱୟ ରଖିକରି ନିଶା କାର୍‌ବାର୍ ରୁକ୍‌ବାର୍‌କେ ରାଜ୍ୟ ଅବକାରୀ ବିଭାଗ୍ ତର୍‌ଫୁ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ୍ ହେଇଯାଇଛେ । ପଶ୍ଚିମବଙ୍ଗ୍ ଆର୍ ଛତିଶ୍‌ଗଡ୍‌ର ଅଧିକାରୀଙ୍କର୍ ସହେତେ ଅବକାରୀ କମିଶନର୍ ନରସିଂହ ଭୋଲ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରିଛନ୍ । ସୀମ୍‌ନାର୍ ଚେକ୍‌ପୋଷ୍ଟ୍‌ମାନ୍‌କେ କଡ଼ାକଡ଼ି ଚେକିଂ କରାଯିବା ଆଉ ଦର୍‌କାର୍ ପଡ୍‌ଲେ ନୂଆଁ ଚେକ୍‌ପୋଷ୍ଟ୍ ଥାପ୍‌ନା କରାଯିବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇତାର୍‌ସହେତେ ଇ ତିନ୍‌ହି ରାଜ୍ୟ ଭିତ୍‌ରେ ଗୁଇନ୍ଦା ସୂଚ୍‌ନା ଦିଆନିଆ ଜରିଏ ନିଶା ବେପାରୀମାନ୍‌କର୍ ଉପ୍‌ରେ ଚଢ଼ଉ କରାଯିବା । ଇଥିର୍‌ଲାଗି ଗୁଟେ ହ୍ୱାଟସ୍‌ଆପ୍ ଗ୍ରୁପ୍ ତିଆର୍ କରାଯାଇକରି ତିନ୍‌ହି ରାଜ୍ୟର୍ ଅବକାରୀ ଅଧିକାରୀମାନେ ସୂଚନା ଦିଆନିଆ କର୍‌ବେ । ଇ

ବୈଠକ୍‌ରୁ ପଶ୍ଚିମବଙ୍ଗ ଅବକାରୀ କମିଶନର୍ ଆଉ ଛତିଶ୍‌ଗଡ୍‌ର ଅବକାରୀ ସଚିବ ଆଭାସୀ ଜରିଏ ଉପସ୍ଥିତ୍ ଥିଲେ ।

ଶାନ୍ତିଲତା ବାରିକ- ପରଲୋକ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କର୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଗୁଟେ ହାସ୍‌ପାତାଲ୍ ନ ପରଲୋକ ହେଇଯାଇଛେ । ମୃତ୍ୟୁବେଲ୍‌କେ ତାଙ୍କୁ ୬୪ ବଛର୍ ବୟସ୍ ହେଇଥିଲା । ଆଏଜ୍ ପୁରୀ ସ୍ୱର୍ଗଦ୍ୱାର ନ ରାଷ୍ଟ୍ରୀୟ ମର୍ଯ୍ୟାଦାରୁ ତାଙ୍କର୍ ଅନ୍ତିମ୍ ସଂସ୍କାର୍ କରାଯିବା ବଲି ଜନାପଡ଼ିଛେ । ତାଙ୍କର୍ ବିୟୋଗରୁ ରାଜ୍ୟପାଲ୍ ରଘୁବର୍ ଦାସ , ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର ଶୋକ ପ୍ରକାଶ୍ କରିକରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ ।

ଆଇ.ଆର୍.ଇ.ଏସ୍. ଅଧିକାରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଭାବେ ଭାରତୀୟ ରେଲ୍ ଇଞ୍ଜିନିୟର୍ସ ସେବାର ଅଧିକାରୀ ମହେଶ୍

କୁମାର୍ ବେହେରା ଦାୟିତ୍ୱ ଗ୍ରହଣ୍ କରିଛନ୍ । ଶ୍ରୀ ବେହେରା ପୂର୍ବତଟ ରେଲ୍‌ପଥର ଚିଫ୍ ବ୍ରିଜ୍ ଇଞ୍ଜିନିୟର୍ ଆଉ ଚିଫ୍ ଇଞ୍ଜିନିୟର୍ ବାଗିର୍ ପଦବୀଥି କାମ୍ କରିଥିଲେ ।

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ-ସମାବର୍ତ୍ତନ୍ ଉତ୍ସବ

ଆର୍‌ଏନ୍‌ୟୁ /  ସମ୍ବଲପୁର

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ ୩୩ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍ ଆଏବା ୮ ତାରିଖ୍ ଦିନ ହେବା । ଇ ଅବ୍‌ସରେ ୨୦୨୩ ବଛରର୍ ଡିଲିଟ୍, ଡିଏସ୍‌ସି ଆର୍ ପିଏଚ୍‌ଡି ଡିଗ୍ରୀ ଆଉ ଛାତ୍ରଛାତ୍ରୀମାନ୍‌କୁ ସ୍ୱର୍ଣ୍ଣପଦକ୍ ଦିଆଯିବା । ଡିଗ୍ରୀ ଆଉ ଡିପ୍ଲୋମା ପାଠ୍ୟକ୍ରମ୍‌କେ ଭିଲ୍ ଇଥି ସାମିଲ୍ କରାଯିବା ବଲି ବିଶ୍ୱବିଦ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହୀରାକୁଦ୍ - ଝାଡ଼ାବାନ୍ତି                    ଆର୍‌ଏନ୍‌ୟୁ /  ସମ୍ବଲପୁର

ହୀରାକୁଦ୍ ସହର୍‌ଥି ଚାପିଥିବା ଝାଡ଼ାବାନ୍ତି ପରିସ୍ଥିତି ଆଏତେ ଅଛେ ବଲି ସମ୍ବଲ୍‌ପୁର୍ ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର ମହାନ୍ତି କହିଛନ୍ ।  ଶ୍ରୀ ମହାନ୍ତି କହିଛନ୍ ଯେ, ପିଏଚ୍‌ଡ଼ି ପାଏନ୍ ପାଇପ୍

ଫାଟିଥିବା ଜାଗାମାନ୍‌କେ ମରାମତି କରାଯାଉଛେ । ଜନସ୍ୱାସ୍ଥ୍ୟ ବିଭାଗ୍ ଆଉ ସ୍ୱାସ୍ଥ୍ୟ ବିଭାଗ୍ ପରିସ୍ଥିତିର୍ ମୁକବିଲା କର୍‌ବାର୍ ଲାଗି ସବୁ ରକ୍‌ମର୍ ପଦକ୍ଷେପ୍ ନଉଛନ୍ ।